Candidate must not write on this margin.

# CSM—6/23

## PART—II/PAPER—IV

## GENERAL STUDIES—III

## ସାଧାରଣ ଅଧ୍ୟୟନ—III

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **17 *(Seventeen)*** *questions in* **Group—A, 12 *(Twleve)*** *and* **Group—B, 05 *(Five)*** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **Group—A 12 (ବାର)** ଏବଂ **Group—B 05 (ପାଞ୍ଚ)** କୁ ମିଶାଇ **17 (ସତର)** ଟି ପ୍ରଶ୍ନ ରହିଛି ।

### Group—A

### ଗ୍ରୁପ୍—A

*Candidates to attempt* **10 *(ten)*** *questions within word limit of* **250**. *Each question carries* **15** *marks.*

ପରୀକ୍ଷାର୍ଥୀମାନେ **10** ଟି ପ୍ରଶ୍ନ **250** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **15** ମାର୍କ ।

**1.** Describe the benefits of deriving electric energy from sunlight in contrast to the conventional energy. What are the initiatives offered by our Government for this purpose?

ପାରମ୍ପରିକ ଶକ୍ତି ପରିବର୍ତ୍ତେ ସୂର୍ଯ୍ୟାଲୋକରୁ ବୈଦ୍ୟୁତିକ ଶକ୍ତି ଉତ୍ପାଦନର ଉପାଦେୟତା ଆଲୋଚନା କର। ଏହି ଉପଲକ୍ଷେ ଆମ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

**2.** Discuss about India's space sector achievements in the year 2023 and 2024. What are the achievements of ISRO in 2023?

2023 ଓ 2024 ମସିହାରେ ଭାରତର ମହାକାଶ କ୍ଷେତ୍ରରେ ସଫଳତା ସଂପର୍କରେ ଆଲୋଚନା କର। 2023 ରେ ଇସ୍ରୋ (ISRO) ର ସଫଳତା କ'ଣ?

**Candidate must not write on this margin.**

**3.** Why is Government budgeting considered a critical tool for economic development in India? How does the budgeting process in Odisha align with or differ from the national framework?

ଭାରତର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସରକାରୀ ଆୟ-ବ୍ୟୟ ଅଟକଳ କାହିଁକି ଏକ ମହତ୍ତ୍ୱପୂର୍ଣ୍ଣ ଉପାଦାନ ଭାବରେ ବିବେଚିତ ହୋଇଥାଏ? ଓଡ଼ିଶାର ଆୟ-ବ୍ୟୟ ଅଟକଳ ପ୍ରକ୍ରିୟା କିପରି ଜାତୀୟ ଢ଼ାଞ୍ଚା (framework) ସହ ସହମତ ବା ଏହାଠାରୁ ଭିନ୍ନ ଆଲୋଚନା କର।

**4.** *"Good roads are key to economic progress"*. Elucidate with reference to Odisha State Road Policy, 2025 and proposed Odisha State Highway Authority.

*"ଉତ୍ତମ ରାସ୍ତା ଅର୍ଥନୈତିକ ଅଭିବୃଦ୍ଧିର ଚାବିକାଠି।"* ଓଡ଼ିଶା ରାଜ୍ୟ ସଡ଼କ ନୀତି, 2025 ଏବଂ ପ୍ରସ୍ତାବିତ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ର ପରିପ୍ରେକ୍ଷୀରେ ଏହାକୁ ବ୍ୟାଖ୍ୟା କର।

**5.** What were the objectives of land reforms in India and how successful have these policies been in addressing land inequality? How do outcomes in Odisha compare to the national scenario?

ଭାରତରେ ଭୂସଂସ୍କାର ପଦକ୍ଷେପଗୁଡ଼ିକର ଲକ୍ଷ୍ୟ କ'ଣ? ଜମିଜମା ଅସମାନତା ଦୂରକରିବାରେ ଏଗୁଡ଼ିକ କିପରି ସଫଳ ହୋଇଛି? ଜାତୀୟ ଦୃଶ୍ୟପଟ ପରିପ୍ରେକ୍ଷୀରେ ଓଡ଼ିଶାରେ ଏହାର ଫଳାଫଳ କିପରି?

**6.** How does supply chain management affect the efficiency of food processing industries in India? What steps can be taken to address bottlenecks in Odisha's supply chain?

ଭାରତର ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପ ଦକ୍ଷତାକୁ କିପରି ଯୋଗାଣ ଶୃଙ୍ଖଳ ପରିଚାଳନା ପ୍ରଭାବିତ କରିଥାଏ? ଓଡ଼ିଶାର ଯୋଗାଣ ଶୃଙ୍ଖଳରେ ଥିବା ପ୍ରତିବନ୍ଧକ ଦୂର କରିବା ପାଇଁ କି କି ପଦକ୍ଷେପ ନିଆଯାଇପାରିବ?

**7.** Examine the diverse conservation strategies adopted for the protection of endangered species in India. Assess the efficacy of protected areas, captive breeding programs and community-led conservation initiatives in ensuring long-term biodiversity preservation.

ଭାରତରେ ବିଲୁପ୍ତପ୍ରାୟ ପ୍ରଜାତିଙ୍କ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ବିବିଧ ସଂରକ୍ଷଣ ରଣନୀତି ଆଲୋଚନା କର। ଦୀର୍ଘକାଳୀନ ଜୈବ ବିବିଧତା ସଂରକ୍ଷଣ କରିବାରେ ସଂରକ୍ଷିତ କ୍ଷେତ୍ର, ସୁରକ୍ଷିତ ପ୍ରଜନନ କାର୍ଯ୍ୟକ୍ରମ ଓ ଗୋଷ୍ଠୀ ପରିଚାଳିତ ସଂରକ୍ଷଣ ପଦକ୍ଷେପର ପ୍ରଭାବ ମୂଲ୍ୟାୟନ କର।

**8.** Identify the key anthropogenic factors contributing to environmental pollution in Indian cities. Propose sustainable urban planning strategies and policy interventions that can effectively mitigate pollution levels while balancing economic growth and ecological integrity.

ଭାରତୀୟ ସହରଗୁଡ଼ିକରେ ପରିବେଶ ପ୍ରଦୂଷଣ କରୁଥିବା ନୃତାତ୍ତ୍ୱିକ କାରଣଗୁଡ଼ିକ ଆଲୋଚନା କର। ଆର୍ଥିକ ବିକାଶ ଓ ପରିବେଶଗତ ଅଖଣ୍ଡତାକୁ ସନ୍ତୁଳିତ କରିବା ସହ ପ୍ରଦୂଷଣ ସ୍ତରକୁ ପ୍ରଭାବଶାଳୀ ଭାବରେ ହ୍ରାସ କରିପାରୁଥିବା ସ୍ଥାୟୀ ସହରାଞ୍ଚଳ ଯୋଜନା ରଣନୀତି ଓ ନୀତିଗତ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କର।

**9.** Evaluate the significance of Environmental Impact Assessment (EIA) in shaping developmental policies on Odisha. How does the integration of scientific research and local community perspectives enhance environmental governance? Critically assess the effectiveness and limitations of the current EIA framework in the State.

ଓଡ଼ିଶାରେ ବିକାଶମୂଳକ ନୀତି ପ୍ରସ୍ତୁତିରେ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ (EIA) ର ଗୁରୁତ୍ୱ ଚର୍ଚ୍ଚା କର। ବୈଜ୍ଞାନିକ ଗବେଷଣା ଓ ସ୍ଥାନୀୟ ଜନଗୋଷ୍ଠୀ ଆଭିମୁଖ୍ୟର ସମନ୍ୱୟ ପରିବେଶଗତ ପ୍ରଶାସନକୁ କିପରି ସମୃଦ୍ଧ କରିଥାଏ? ରାଜ୍ୟରେ ସମ୍ପ୍ରତି EIA ଢାଞ୍ଚାର ପ୍ରଭାବଶାଳୀତା ଓ ସୀମାବଦ୍ଧତା ସମ୍ପର୍କରେ ଆଲୋଚନା କର।

**10.** Analyze the multifaceted role of Non-Governmental Organizations (NGOs) in biodiversity conservation and environmental protection. How do these entities complement governmental frameworks and what structural, financial and operational challenges hinder their effectiveness?

ଜୈବ ବିବିଧତା ସଂରକ୍ଷଣ ଓ ପରିବେଶ ସୁରକ୍ଷାରେ ବେସରକାରୀ ସଂଗଠନ (NGOs) ର ବହୁମୁଖୀ ଭୂମିକା ବିଶ୍ଳେଷଣ କର। ଏହି ସଂସ୍ଥାଗୁଡ଼ିକ ସରକାରୀ ବ୍ୟବସ୍ଥାକୁ କିପରି ସହଯୋଗ କରନ୍ତି? ଏବଂ କେଉଁ ସାଙ୍ଗଠନିକ, ଆର୍ଥିକ ଓ ପରିଚାଳନାଗତ ଆହ୍ୱାନଗୁଡ଼ିକ ସେମାନଙ୍କର ପ୍ରଭାବକୁ ବାଧା ଦିଅନ୍ତି।

**11.** Critically examine the Government of Odisha's surrender and rehabilitation policy aimed at combating Left Wing Extremism in the State.

ରାଜ୍ୟରେ ବାମପନ୍ଥୀ ଉଗ୍ରବାଦର ମୁକାବିଲାପାଇଁ ପ୍ରସ୍ତୁତ କରାଯାଇଥିବା ବା ଗୃହୀତହୋଇଥିବା ଓଡ଼ିଶା ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତିକୁ ସମୀକ୍ଷାତ୍ମକ ଦୃଷ୍ଟିରେ ପରୀକ୍ଷା କର।

**Candidate must not write on this margin.**

12. Discuss the role, function and structure of National Investigation Agency. How has it assumed importance in present day?

ଜାତୀୟ ଅନୁସନ୍ଧାନ ସଂସ୍ଥା (National Investigation Agency) ର ଭୂମିକା, କାର୍ଯ୍ୟାବଳୀ (function) ଏବଂ ଢାଞ୍ଚା (structure) ଉପରେ ଆଲୋଚନା କର। ଆଜିଦିନରେ ଏହି ସଂସ୍ଥା ର ଗୁରୁତ୍ୱ କାହିଁକି ବଢ଼ିଯାଇଛି?

Candidate must not write on this margin.

## Group—B

## ଗ୍ରୁପ୍—B

*Candidates to attempt* **all** *questions within word limit of* **300.**
*Each question carries* **20** *marks.*

ପରୀକ୍ଷାର୍ଥୀମାନେ ସମସ୍ତ ପ୍ରଶ୍ନ **300** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **20** ମାର୍କ।

13. There are lots of discussion on 'cyber slavery' and 'scam compound'. Discuss its context, causes, *modus operandi* and geographical prevalence. Describe the steps taken by the Government of India to counter the challenges posed in this regard.

ସାଇବର କ୍ରୀତଦାସ (cyber slavery) ଏବଂ ଚ଼ଞ୍ଚକତା ପ୍ରାଙ୍ଗଣ (scam compound) ଉପରେ ବହୁତ ଆଲୋଚନା ହେଉଛି। ଏହାର ପରିପ୍ରେକ୍ଷୀ (context), କାରଣ (causes), କାର୍ଯ୍ୟପ୍ରଣାଳୀ (*modus operandi*) ଏବଂ ଭୌଗଳିକ ବ୍ୟାପକତା (geographical prevalence) ଉପରେ ଆଲୋଚନା କର। ଭାରତ ସରକାରଙ୍କ ତରଫରୁ ଏହାର ନିରାକରଣ ପାଇଁ ନିଆଯାଇଥିବା ପଦକ୍ଷେପ ବର୍ଣ୍ଣନା କର।

14. The World is facing an acute shortage of clean and safe freshwater. What are the alternative technologies which can solve this crisis? Briefly discuss any three such technologies citing three such technologies citing their key merits and demerits.

ବିଶ୍ୱରେ ସମ୍ପ୍ରତି ସ୍ୱଚ୍ଛ ଓ ସୁରକ୍ଷିତ ମଧୁର ଜଳର ଖୁବ ଅଭାବ ପରିଲକ୍ଷିତ ହେଉଛି। ଏହି ସମସ୍ୟା ସମାଧାନ ପାଇଁ ବିକଳ୍ପ କାରିଗରି କୌଶଳଗୁଡ଼ିକ (technologies) କ'ଣ? ସଂକ୍ଷେପରେ ଗୁଣ ଓ ଦୋଷ ସହ ଯେକୌଣସି ତିନୋଟି କାରିଗରି କୌଶଳ (technology) କ'ଣ? ସମ୍ପର୍କରେ ଆଲୋଚନା କର।

Candidate must not write on this margin.

**15.** How did changes in industrial policy post-liberalization affect India's global competitiveness? What are the key opportunities for industrialization in Odisha, given its resource base? How can the State overcome challenges like environmental concerns and skill shortages?

ଉଦାରୀକରଣ ପରବର୍ତ୍ତୀ ଶିଳ୍ପନୀତିରେ ପରିବର୍ତ୍ତନ କିପରି ଭାରତର ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ପ୍ରଭାବିତ କରିଛି? ଓଡ଼ିଶାରେ ଶିଳ୍ପାୟନର ପ୍ରମୁଖ ସୁଯୋଗଗୁଡ଼ିକ କ'ଣ, ଉତ୍ସଭିତ୍ତିରେ ଆଲୋଚନା କର। ପରିବେଶଗତ ସମସ୍ୟା ଓ ଦକ୍ଷତା ଅଭାବ ପରି ଆହ୍ୱାନକୁ ରାଜ୍ୟ କିପରି ଅତିକ୍ରମ କରିବ?

**16.** How do cropping patterns in India vary across regions and what role does irrigation play in enhancing productivity? What are the major constraints in irrigation development in Odisha?

ଭାରତରେ କିପରି ଅଞ୍ଚଳ ଭେଦରେ ଫସଲ ପ୍ରଣାଳୀ ଭିନ୍ନ ଭିନ୍ନ ହୋଇଥାଏ। ଉତ୍ପାଦନ ବୃଦ୍ଧିରେ ଜଳସେଚନ କି ଭୂମିକା ଗ୍ରହଣ କରିଥାଏ? ଓଡ଼ିଶାରେ ଜଳସେଚନ ବିକାଶରେ ପ୍ରମୁଖ ବାଧକଗୁଡ଼ିକ କ'ଣ?

**17.** Examine India's disaster management framework with a specific focus on Odisha's approach to disaster preparedness, mitigation and response. Evaluate the role of State institutions policy interventions and community-driven initiatives in disaster risk reduction and suggest strategic measures to strengthen resilience and interagency coordination.

ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରଶମନ ଓ ପ୍ରତିବିଧାନ ପାଇଁ ଓଡ଼ିଶାର ଆଭିମୁଖ୍ୟକୁ ଧ୍ୟାନ ଦେଇ ଭାରତର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଆଲୋଚନା କର। ବିପର୍ଯ୍ୟୟ ବିପଦ କମାଇବାରେ ରାଜ୍ୟ ପ୍ରତିଷ୍ଠାନ ଓ ଗୋଷ୍ଠୀ ପରିଚାଳିତ ପଦକ୍ଷେପଗୁଡ଼ିକର ଭୂମିକା ଆଲୋଚନା କର। ପ୍ରତ୍ୟାବର୍ତ୍ତନ (resilience) ଓ ଆନ୍ତଃ-ସଂସ୍ଥା ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ରଣନୀତି ସଂପର୍କରେ ପରାମର୍ଶ ଦିଅ।

★★★

SPACE FOR ROUGH WORK

Candidate must not write on this margin.

SPACE FOR ROUGH WORK

Candidate must not write on this margin.

SPACE FOR ROUGH WORK

Candidate must not write on this margin.